# Akashvani, Sambalpur

## SAMBALPURI NEWS BULLETIN

### 6 January 2026 – 6.47- 6.52 am.

*************************************************

ସର୍କାରୀ ଯୋଜ୍ନା- ସମୀକ୍ଷା I&PR

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଗଲାକାଏଲ୍ ଅନୁସୂଚିତ ଜନଜାତିଙ୍କର୍ ଲାଗି ଥିବା ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ଯୋଜ୍ନା ଆଉ କାର୍ଯ୍ୟକ୍ରମ୍ର ସମୀକ୍ଷା ବୈଠକ୍ ହେଇଯାଇଛେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଉ ଓଡ଼ିଶା ଗସ୍ତଥି ଆସିଥିବା ଜାତୀୟ ଅନୁସୂଚିତ ଜନଜାତି ଆୟୋଗ୍ର ସଦସ୍ୟା ଡକ୍ଟର୍ ଆଶା ଲାକ୍ରାଙ୍କର୍ ଉପସ୍ଥିତିଥି ଜନଜାତିଙ୍କର୍ ଲାଗି କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ କେନ୍ଦ୍ରୀୟ ଆଉ ରାଜ୍ୟସ୍ତରୀୟ ଯୋଜ୍ନା ବାବ୍ଦେ ଆଲୋଚନା କରାଯାଇଥିଲା । ଖାସ୍ କରି ଜନଜାତି ଛାତ୍ରଛାତ୍ରୀଙ୍କର୍ ଲାଗି ଗୁଣାତ୍ମକ ଆବାସିକ ଶିକ୍ଷା ଆଉ ନାଗରିକ ଅଧିକାର୍ ସୁରକ୍ଷା ଆଇନ୍ ଉପ୍ରେ ଜୋର୍ ଦିଆଯାଇଥିଲା । ରାଏଜେ ଜନଜାତି ଯୋଜ୍ନାକେ ତଲ୍ସ୍ତର୍ତକ୍ ପୁହୁଁଚାବାର୍ ଲାଗି ଇ ଅବ୍ସରେ ପରାମର୍ଶ ଦିଆଯାଇଥିଲା ।

ଆସାମ୍-ଓଡ଼ିଶା ପରବ I&PR

ଓଡ଼ିଶା ପର୍ଯ୍ୟଟନ୍ ବିଭାଗ୍ ତର୍ଫୁ ଆସାମ୍ର ଗୌହାଟୀ ଠାନେ ଜାନୁଆରୀ ୩୦ ନୁ ଫେବୃଆରୀ ୧ ତାରିଖ୍ତକ୍ ୩ ଦିନିଆ ଓଡ଼ିଶା ପରବ୍ର ଆୟୋଜନ୍ କରାଯିବା । ଉତର୍ପୂର୍ବ ରାଜ୍ୟମାନ୍କେ ଓଡ଼ିଶାର୍ ସାଂସ୍କୃତିକ୍ ଐତିହ୍ୟର୍ ପ୍ରଚାର୍ ପ୍ରସାର୍ ଲକ୍ଷ୍ୟଥି ଓଡ଼ିଶା ପରବ୍ର ଆୟୋଜନ୍ କରାଯାଉଛେ । ଇଥିର୍ଲାଗି ଗଲାକାଏଲ୍ ପର୍ଯ୍ୟଟନ୍ ବିଭାଗ୍ ସମ୍ମିଲନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଓଡ଼ିଶା ପରବ୍ ନ ୬ ଟା ବିଭାଗ୍ ତର୍ଫୁ ୨୦ ଟା ଷ୍ଟଲ୍ ଆଉ ୧୦ ଟା ଖାଦ୍ୟ ଷ୍ଟଲ୍ ପ୍ରଦର୍ଶନ୍ କର୍ବାର୍କେ ବୈଠକ୍ଥି ଧାରିଜ୍ କରାଯାଇଛେ ।

ପାଣି ପଂଚାୟତ୍ ପକ୍ଷ I&PR

ରାଜ୍ୟ ଜଲ୍ସମ୍ପଦ୍ ବିଭାଗ୍ ତର୍ଫୁ ଆଏଜ୍ଠାନୁ ସାରା ରାଏଜେ ପାଣି ପଂଚାୟତ୍ ପକ୍ଷ ପାଲନ୍ କରାଯାଉଛେ । ଜାନୁଆରୀ ୨୦ ତାରିଖ୍ତକ୍ ହେବାର୍କେ ଥିବା ପାଣିପଂଚାୟତ୍ ପକ୍ଷ ଅବ୍ସରେ ଭିନ୍ ଭିନ୍ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ଜାତୀୟ ପକ୍ଷୀ ମହୋତ୍ସବ I&PR

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍, ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ଚିଲିକା ଆଉ ମଙ୍ଗଲାଜୋଡ଼ି ଠାନେ ଜାତୀୟ ଚିଲିକା  ବିହଙ୍ଗ ଉତ୍ସବ ଆୟୋଜନ୍ କରାଯାଉଛେ । ମହୋତ୍ସବ୍‌କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ଜଙ୍ଗଲ୍ ବିଭାଗ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଭାସୀ ଜରିଏ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ମହୋତ୍ସବ୍ ଜୈବ ବିବିଧତାର୍ ସଂରକ୍ଷଣ୍ ସାଙ୍ଗେ ଚିଲିକା ନ ପକ୍ଷୀମାନ୍‌କର୍ ସୁରକ୍ଷା ଆଉ ଦାୟିତ୍ୱ ସମ୍ପନ୍ନ ପର୍ଯ୍ୟଟନ୍ ଅଭ୍ୟାସ୍‌କେ ତହଁକାବାର୍ ଦିଗେ ସାହାଜ୍ କର୍‌ବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଇ ଅବ୍‌ସରେ ପକ୍ଷୀ ନିରୀକ୍ଷଣ, ନୌଚାଲନା, କର୍ମଶାଳା ଆଉ ଆଲୋଚନାଚକ୍ରମାନ୍ ଆୟୋଜନ୍ କରାଯିବା ।

ପ୍ରଧାନ୍‌ମନ୍ତ୍ରୀ- ବହି        ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସ୍ୱାଧୀନତା ଦିବସ୍ ଉଦ୍‌ବୋଧନ୍‌କେ ନେଇକରି ଉର୍ଦ୍ଦୁ ଭାଷାଥି ତିଆର୍ ହେଇଥିବା ବହି 'ଖଦ୍‌ଓ୍ୱତ୍-ଏ-ମୋଦୀ; ଲାଲ୍‌କିଲ୍ଲାକି ଫସିଲ୍ ସେ' କେ ଗଲାକାଏଲ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉନ୍ମୋଚନ୍ କରିଛନ୍ । ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ତିଆର୍ ହେଇଥିବା ଇ ବହି ଜରିଏ ଉର୍ଦ୍ଦୁ ଭାଷାର୍ ପ୍ରଚାର୍ ପ୍ରସାର୍ କରାଯିବା ।

ଭାଷାଗତ ଅନ୍ତର୍ଭୁକ୍ତିକରଣ୍ ଦିଗେ ଇ ବହିର୍ ଉନ୍ମୋଚନ୍ ଗୁଟେ ବଡ଼ ପଦକ୍ଷେପ୍ ଆଏ ବଲି ଇ ଅବ୍‌ସରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ପୁରୀ ଗଜପତି- ପୁଷ୍ୟାଭିଷେକ     ପୁରୀ ସମ୍ବାଦଦାତା

ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ଗଲାକାଏଲ୍ ପୁଷ୍ୟାଭିଷେକ୍ ନୀତି ହେଇଯାଇଛେ । ଶ୍ରୀନହର୍ ନ ଗଜପତି ମହାରାଜ୍ ସିଂହାସନ୍‌ଥି ବସ୍‌ଲା ଉତ୍‌ରୁ ଷୋଳ ଶାସନ୍ ବ୍ରାହ୍ମଣ ସହେତେ ୩୨ କରବାଡ଼ ବ୍ରାହ୍ମଣ ଆଉ ପଣ୍ଡିତ ମାନେ ପୁଷ୍ୟାନକ୍ଷତ୍ର ଯୋଗଥି ପାରମ୍ପରିକ୍ ରୀତିନୀତି ଅନ୍‌ସାରେ ତାଙ୍କର୍ ଅଭିଷେକ୍ କରିଥିଲେ ।

ଲୋକ୍‌ମହୋତ୍ସବ୍- ଦୁଲ୍‌ଦୁଲି       ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ନ ଚାଲିଥିବା ୨୮ ନମ୍ବର ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଆଏଜ୍ ଉଦ୍‌ଯାପିତ୍ ହେବା । ଆଏବା କାଏଲ୍‌ଠାନୁ ଯୁବ ଉତ୍ସବ ମୁଲ୍ ହେବା । ଗଲାକାଏଲ୍ ମହୋତ୍ସବ୍‌ଥି ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍ବଲ୍‌ପୁର୍ ମାଟିର୍ ମହକ୍ ଆର୍ ମହିମା ଅତି ନିଆରା ବଲି କହିଥିଲେ । ରାଜ୍ୟ ଆଉ ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ୍

ଦଲ୍‌ମାନେ ଲୋକକଳାର୍ ପ୍ରଦର୍ଶନ୍ କରିଥିଲେ । ସୂଚ୍‌ନା ଅନ୍‌ସାରେ ଆଏବା ୧୧ ତାରିଖ୍‌ତକ୍ ପଲ୍ଲିଶ୍ରୀ ମେଳା ଚାଲ୍‌ବା ।

ସେଆଡ଼େ ଝାର୍‌ସୁଗୁଡ଼ା ନ ଚାଲିଥିବା ୫ ଦିନିଆ ଜିଲ୍ଲା ମହୋତ୍ସବ୍ ଦୁଲ୍‌ଦୁଲି- ୨୦୨୬ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଉତରାଂଚଲ୍ ଆଇଜି ହିମାଂଶୁ ଲାଲ୍ ଯୋଗ୍ ଦେଇଥିଲେ । ରାଜ୍ୟ ଆଉ ରାଜ୍ୟ ବାହାରର୍ ଦଲ୍ ମାନ୍‌କର୍ ସହେତେ ଓଲିଉଡ୍ କଲାକାର୍‌ଙ୍କର୍ ନାଚ୍ ଗୀତ୍‌ଥି ଦର୍ଶକ୍ ଝୁମିଉଠିଥିଲେ ।

ସମ୍ବଲ୍‌ପୁରୀ ଧନୁଯାତ୍ରା-ଶ୍ରୀକୃଷ୍ଣ ବରଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୮ ତାରିଖ୍‌ନୁ ସମ୍ବଲ୍‌ପୁର୍ ନ ହେବାର୍‌କେ ସମ୍ବଲ୍‌ପୁରୀ ଧନୁଯାତ୍ରା ଲାଗି ଗଲାକାଏଲ୍ ଶ୍ରୀକୃଷ୍ଣବରଣ କରାଯାଇଛେ । ଶ୍ରୀକୃଷ୍ଣ ଅଭିନୟ କରୁଥିବା ଓମ୍ ସାଇ ପଣ୍ଡାଙ୍କୁ ଛତାବର୍ ଗାଁ ନ ଥିବା ତାଙ୍କର୍ ଘରେ ମହୋତ୍ସବ୍ କମିଟି ତର୍‌ଫୁ ବରଣ କରାଯାଇଥିଲା ।

ମହିଳା ଚେସ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ୍ ଜିଲ୍ଲା ଚେସ୍ ଆସୋସିଏସନ୍ ତର୍‌ଫୁ ଆଏବା ୧୦ ତାରିଖ୍‌ନୁ ୨ ଦିନିଆ ରାଜ୍ୟସ୍ତରୀୟ ମହିଳା ଚେସ୍ ପ୍ରତିଯୋଗିତାର୍ ଆୟୋଜନ୍

କରାଯିବା । ଇଥିର୍‌ଲାଗି ଆଏବା ୭ ତାରିଖ୍‌ତକ୍ ନାଁ ପଞ୍ଜିକରଣ୍ କରାଯିବା । ପ୍ରତିଯୋଗିତାଥି ସାରା ରାଏଜୁ ବହୁତ୍‌ଟେ ପ୍ରତିଯୋଗୀ ଭାଗ୍ ନଉଛନ୍ ।

କଲାହାଣ୍ଡି-ଘୁମ୍‌ରା        କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଲୋକ୍‌ମହୋତ୍ସବ୍-୨୦୨୬ ର ଆୟୋଜନ୍ ଲାଗି ଗଲାକାଏଲ୍ ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଭିନ୍ ଭିନ୍ ସବ୍ କମିଟି ଗଠନ୍ କରାଯାଇଛେ । ଇ ଅବ୍‌ସରେ ସବ୍ କମିଟି ମାନ୍‌କର୍ ବୈଠକ୍ ଭିଲ୍ ହେଇଯାଇଛେ । ଆଘୋନୁ ଧାରିଜ୍ ଘୁମ୍‌ରା ମହୋତ୍ସବ୍‌କେ ୪ ବଦ୍‌ଲେ ୫ ଦିନ୍ - ୧୪ ନୁ ୧୮ ତାରିଖ୍ ତକ୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଖେଲୋ ଇଣ୍ଡିଆ ବିଚ୍ ଗେମ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦାମନ୍‌ଡିଉ ନ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍‌ଥି ଗଲାକାଏଲ୍ ଓଡ଼ିଶାର୍ ମହିଳା ଫୁଟ୍‌ବଲ୍ ଦଲ୍ ବଡ଼ ସଫଲତା ପାଇଛେ । ଓଡ଼ିଶା ଦଲ୍ ୧୧ -୩ ଗୋଲ୍‌ଥି ମହାରାଷ୍ଟ୍ରକେ ହରେଇଛେ । ସତ୍ୟବତୀ ଖଡ଼ିଆ ହେଟ୍ରିକ୍ ଗୋଲ୍ ସହେତେ ମୋଟ୍ ୫ ଟା ଗୋଲ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍‌ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୪ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ କମି କରି ଶୀତ୍ ବଢ଼ିପାରେ ।

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ କୁହୁଡ଼ି ହେବା । ଘନାକୁହୁଡ଼ିକେ ନେଇକରି ୬ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।